# ନର ନାରାୟଣ

କବି ରଘୁନାଥ ଦାସ

-ବିଚାର, ବିଚାର-

ସୁନ୍ଦର ଏ ଧରା, ସୁନ୍ଦର ସର୍ଜ୍ଜନା;
ରବି ଶଶୀ ତାରା କାହିଁ ତା' ତୁଳନା?
ସୁନ୍ଦର ତ ପୁଣି ପର୍ବତ ପ୍ରାନ୍ତର;
ସପ୍ତସିନ୍ଧୁ ଘେରା ଏ ପୃଥ୍ବୀ ସୁନ୍ଦର ।୧ ।

-ବିଚାର, ବିଚାର-

ସୁନ୍ଦର ତା' ନଦ ସୁନ୍ଦର ତା' ହ୍ରଦ
ଖଣିରେ ସାଇତା ଅମୂଲ୍ୟ ସମ୍ପଦ,
ପାହାଡ଼ ଫଟାଇ ଝରୁଛି ନିର୍ଝର
ବିଲବାଡ଼ି କରି ପଟୁରେ ଉର୍ବର ।୨ ।

-ବିଚାର, ବିଚାର-

ଶୀତ ଥୁରୁ ଥୁରୁ ମାଘମାସ ଜାଡ଼
ପଉଷ ସକାଳ ଥରିଯାଏ ହାଡ଼
ଗ୍ରୀଷମ ବରଷା ଶିଶିର ବସନ୍ତ
ଜୀବନ-ନାଟକ କରିଛି ବିଚିତ୍ର ।୩ ।

# ନର ନାରାୟଣ

କବି ରଘୁନାଥ ଦାସ

-ବିଚାର, ବିଚାର-

ଆକାଶେ ଉଡ଼ନ୍ତି ପକ୍ଷୀ ଭଳି ଭଳି
ମୀନ ମଗର ତ ଜଳରେ ସନ୍ତରି,
ବନେ ବିହରନ୍ତି ଜନ୍ତୁ ଦଳ ଦଳ,
ଗୁହାଳକୁ ଆଶ୍ରି ଗୋରୁ ମେଣ୍ଢା ପଲ ।୪ ।

-ବିଚାର, ବିଚାର-

କି ଗୁଣ ଗାଇବି ମୋ ମାଟି ମାଆର,
ମୁଠାଏ ବିହନେ ଭରଇ ଅମାର
ବୃକ୍ଷ ଭଳି ଭଳି କେତେ ଜାତି ଫଳ,
ସୁନ୍ଦର ଧରଣୀ ଲତାରେ ଶ୍ୟାମଳ ।୫ ।

-ବିଚାର, ବିଚାର-

ପ୍ରାଣୀ ମଧ୍ୟେ ଜାଣ ମଣିଷଟି ସାର,
ବାହୁରେ ତାହାର ଶକତି ଲୁହାର,

www.jataayu.org

# ନର ନାରାୟଣ

କବି ରଘୁନାଥ ଦାସ

ମଗଜରେ ଭରି  ବିଜ୍ଞାନ ବିଚାର

ଯୋଜନ ସର୍ଜନା  କରେ ଆପାଣାର ।୬।

-ବିଚାର, ବିଚାର-

-ଆଉ ପଚାର ଭାଇ ପଚାର-

- ପଚାର ପଚାର-

ଜନମି ଥିଲି ମୁଁ  ଅମୃତ ସନ୍ତାନ

ଆମେ ମରୁ କିଆଁ  ହା ଅନ୍ନ ଅନ୍ନ

କିଏ ଜାଳେ ଏଥି  ଅଭାବର ନିଆଁ?

ପୋଡି ଛାରଖାର  କେ କରେ ଦୁନିଆଁ।୧।

- ପଚାର ପଚାର-

ଶ୍ରମ ଦେଇ ଆମେ  ଛିଡ଼ା କରୁ ଖେତ

ଆମର କିଆଁରେ  ପୂରେ ନାହିଁ ପେଟ?

ଅମଳି ଫସଲ  କିଏ ନିଏ ଲୁଟି

ଆମ ପିଲା କିଆଁ  ଶୁକୁଟା ଶୁକିଟି।୨।

www.jataayu.org

# ନର ନାରାୟଣ

କବି ରଘୁନାଥ ଦାସ

- ପଚାର ପଚାର-

ଜମିପାର କିଆଁ ମାଲିକ ଜମିରେ?
ଚାଷୀ ଉପାସିଆ? ସେମାନେ ଅମୀର?
କଚେରୀ ତ ତା'ର, ତାହାରି ପୁଲିସ,
କା' ଆଗରେ ବାବୁ କରିବୁ ନାଲିସ?।୩।

- ପଚାର ପଚାର-

ଖଣି ତଳେ ଦେଉଁ ରକତ ନିଗାଡ଼ି,
ଆମ ଲାଗି କିଆଁ ଚାଟର ଝୁମ୍ପୁଡ଼ି?
ଫଉଜ କି ଖାଲି ମୁନାଫା ସକାଶେ?
ଖଣି ମାଲିକ ତ ଉଡୁଛି ଆକାଶେ।୪।

- ପଚାର ପଚାର-

ବାହୁବଳେ ଠିଆ କଳ କାରଖାନା,
ମଜୁରିଆ ପେଟେ କିଆଁ ଓଦାକନା?
ବାନ୍ଧିଲା କିଏ ସେ ଆଇନ ଶିକୁଳି



www.jataayu.org

# ନର ନାରାୟଣ

କବି ରଘୁନାଥ ଦାସ

ଦୁଃଖ ଜଣାଇଲେ ଲାଛିବାକୁ ଗୁଳି।୪।

- ପଚାର ପଚାର-

ମଣିଷ କିଆଁରେ ଏତେ ହୀନିମାନ?
ସତ କିରେ କହ ଭାଗ୍ୟ ଭଗବାନ?
କିଏ ଗଢ଼ିଛି ଏ ଶୋଷଣ ବ୍ୟବସ୍ଥା?
ଶ୍ରମଜୀବି ଲାଗି ଯାବତ ଅହନ୍ତା।୬।

- ଉଚ୍ଚାର, ଉଚ୍ଚାର-

ମହାମନ୍ତ୍ର ଏହା ନିଃସ୍ବ ଜନତାର;
ବିଶ୍ବମୟ ଆମେ ସର୍ବେ ଏକାକାର;
ଏକତାହିଁ ଆମ ଚକ୍ର ସୁଦର୍ଶନ
ଜିଣିବାକୁ ଏହି କୁରୁକ୍ଷେତ୍ର ରଣ।୧।

- ଉଚ୍ଚାର, ଉଚ୍ଚାର-

ଆମେ ବୁଦ୍ଧିଜୀବୀ ଶ୍ରମିକ କିଷାଣ,
ଆମେରେ ଅନ୍ୟାୟ- ବିରୋଧୀ ନିଶାଣ,

www.jataayu.org

# ନର ନାରାୟଣ

କବି ରଘୁନାଥ ଦାସ

ଆମେ ଏକତାରେ    ପଜା ଇସପାତ,

ସବୁ ଶୋଷଣକୁ    କରିବୁ ନିପାତ।୨।

- ଉଚ୍ଚାର, ଉଚ୍ଚାର-

ଆମେ ସଂଗଠିତ    ନଗର ଓ ଗ୍ରାମ,

ଆମେ ସାମବେଦ    ଜୀବନ- ସଂଗ୍ରାମ,

ଶୋଷଣ ବିରୋଧ    ସବୁଜ ଆହ୍ବାନ,

ଆମେ ରେ ମଣିଷ    ଆମେ ନାରାୟଣ।୩।

www.jataayu.org